# ଦାବି ପୂରଣ ନେଇ ବୈଠକରେ ସହମତି

ତାଳଚେର,୧୯।୧ (ମନୋଜ ନନ୍ଦ)

ତାଳଚେର ପୌରାଞ୍ଚଳ ଅଧୀନ ରେମୁଆଁ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ଲିଙ୍ଗରାଜ କ୍ଷେତ୍ର କାର୍ଯ୍ୟାଳୟ ଠାରେ ଗ୍ରାମ୍ୟ କମିଟି ଓ ଖଣି କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତ ୪ ତାରିଖରେ ଉପଜିଲାପାଳଙ୍କୁ ଦିଆଯାଇଥିବା ଦାବିପତ୍ରରେ ଗ୍ରାମ୍ୟ କମିଟି ପକ୍ଷରୁ ଦର୍ଶାଯାଇଥିବା ଦାବି ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ଉକ୍ତ ଦାବିଗୁଡ଼ିକର ସମାଧାନ ପାଇଁ ପ୍ରକଳ୍ପ ଅଧିକାରୀ ଦୁଷ୍ମନ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିଥିଲା। ଗ୍ରାମ୍ୟ କମିଟି ସଭାପତି ବାବୁଲାଲ ଖଣ୍ଡୁଆଳ, ପରାମର୍ଶଦାତା ବିରଜା ଶଙ୍କର ମିଶ୍ର, କାର୍ଯ୍ୟକାରୀ ସଭାପତି ରଞ୍ଜନ କୁମାର ଖଣ୍ଡୁଆଳ, କାଉନସିଲର ସଞ୍ଜୀବ କୁମାର ଗଡନାୟକ, ଉପସଭାପତି ଅଜୟ କୁମାର ଦାସ, ସମ୍ପାଦକ ସୁଲେଖ ସେଠୀ, ସହ ସମ୍ପାଦକ ଲକ୍ଷ୍ମଣ ମହାରଣା, ସଂଯୋଜକ ବୀରେନ୍ଦ୍ର ଖଣ୍ଡୁଆଳ, ସାଂସ୍କୃତିକ ସମ୍ପାଦକ କରୁଣାକର ବାଇ, ଉପଦେଷ୍ଟା ନରେଶ ସାମଲ, କ୍ଷେତ୍ରବାସୀ ନାଏକ, ପବନା ବରାହ, ଅଲେଖ ସେଠୀ, ପ୍ରଶାନ୍ତ ମହାଦାନୀ ଏବଂ ଅନ୍ୟ ଗ୍ରାମବାସୀଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ସମସ୍ତ ଦାବି ଉପରେ ଏକ ମାସ ମଧ୍ୟରେ କାର୍ଯ୍ୟାରମ୍ଭ କରିବା ପାଇଁ ଲିଙ୍ଗରାଜ କର୍ତ୍ତୃପକ୍ଷ ସହମତି ପ୍ରଦାନ କରିଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀ ଓ ଗ୍ରାମ କମିଟି କର୍ମକର୍ତ୍ତାମାନେ।

# ଜିଲା କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ


ଜିଲା କାର୍ଯ୍ୟାଳୟ ସମ୍ମୁଖରେ ବସ୍ତିବାସିନ୍ଦାମାନେ ଆନ୍ଦୋଳନ କରୁଛନ୍ତି।

ଅନୁଗୋଳ,୧୯।୧ (ଅମିତ କୁମାର ସାମଲ)

ଅନୁଗୋଳ ପୌରାଞ୍ଚଳରେ ରହୁଥିବା ବସ୍ତିବାସିନ୍ଦାଙ୍କ ମଧ୍ୟରୁ କିଛି ଲୋକଙ୍କୁ ଘରଡିହ ପଟ୍ଟା ମିଳିଥିବା ବେଳେ ଏବେ ମଧ୍ୟ ଅନେକେ ଏଥିରୁ ବଞ୍ଚିତ ଅଛନ୍ତି। ବିଶେଷକରି ତାମ୍ରିତ କଲୋନୀ ପାର୍ଶ୍ୱସ୍ଥ ସୌଭାଗ୍ୟନଗରର ୱାର୍ଡ ନଂ. ୧୨ ଓ ୱାର୍ଡ ନଂ. ୧୫ର ୨ ଶହ ପରିବାରର ପ୍ରାୟ ହଜାରେ ଲୋକ ବସବାସ କରୁଥିବାବେଳେ ସେମାନଙ୍କୁ ଗୋଟିଏ ବି ପଟ୍ଟା ପ୍ରଦାନ କରାଯାଇନାହିଁ। ବିଇଡି କଲେଜ ପଛ ପାର୍ଶ୍ୱ ୱାର୍ଡ ନଂ ୧୪ରେ ପାଇପ୍ ଲାଇନ୍ ବିଛା ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପାଇପ୍ ମାଧ୍ୟମରେ ପିଇବା ପାଣିର ବ୍ୟବସ୍ଥା କରାଯାଇନାହିଁ। ସେହିଭଳି ୩୫ଟି ପରିବାରକୁ ପଟ୍ଟା ଦିଆଯାଇନାହିଁ। ଶିକ୍ଷାଞ୍ଚଳ ସ୍କୁଲ ପାର୍ଶ୍ୱ ୱାର୍ଡ ନଂ ୧୩ର ୩୭ଟି ପରିବାର ରାସ୍ତା ପାର୍ଶ୍ୱରେ ରହିଥିଲେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ ଥଇଥାନ କରାଯାଇ ନାହିଁ। ୱାର୍ଡ ନଂ ୮ରେ ୫୦ ପରିବାରର ୩୦୦ ଲୋକ ବସବାସ କରୁଥିବାବେଳେ ସେମାନଙ୍କୁ ପଟ୍ଟା ଦିଆଯାଇନାହିଁ। ୱାର୍ଡ ନଂ.୧୭ରେ ଡ୍ରେନ୍ ଓ ଅଙ୍ଗନାୱାଡି ନିର୍ମାଣ କରାଯାଇନାହିଁ। ବହୁ ପରିବାର ପଟ୍ଟା ବାବଦକୁ ଟଙ୍କା ଜମା କରିଥିଲେ ମଧ୍ୟ ପଟ୍ଟା ମିଳିନାହିଁ। ଫଳରେ ସମ୍ପୃକ୍ତ ପରିବାରର ପିଲାମାନେ ବାସିନ୍ଦା ପ୍ରମାଣପତ୍ର ପାଇ ନ ପାରି ଶିକ୍ଷା ସହ ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିବା ଅଭିଯୋଗ କରି ଏହି ସମସ୍ତ ୱାର୍ଡର ବସ୍ତିବାସିନ୍ଦାମାନେ ଆନ୍ଦୋଳନ କରିଥିଲେ। ଜ୍ୟୋସ୍ନା ସାମଲ, ବବିତା ପ୍ରଧାନ, ସୁବାସିନୀ ବାରିକ୍, ପ୍ରତିମା ପରିଡ଼ା, ରୁମୁକି ମୁଖି, ସନ୍ତୋଷିନୀ ଅମାନ୍ତ, ମନୋରମା ନାୟକ, ଲଳିତା ନାଏକ, ସୁଶୀଳା ଟୁଡୁ, ଅଞ୍ଜଳି ପ୍ରଧାନ, ରିନା ପ୍ରଧାନ, ପଦ୍ମିନୀ ଖୁଲତାର, ନବକିଶୋର ମହାପାତ୍ର, ମଙ୍ଗୁଲୁ ମହାପାତ୍ର, ଅଜିତ ଜିତ, ପ୍ରଫୁଲ୍ଲ ମହାପାତ୍ର, ଜେନାମଣି ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଗଣ ଆନ୍ଦୋଳନ ଗଢ଼ି ଉଠିବ ବୋଲି ସେମାନେ ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

# ଏସ୍ଆଇ, ଏଏସ୍ଆଇ ସ୍ତରରେ ଅଦଳବଦଳ

ଅନୁଗୋଳ, ୧୯।୧ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ପୋଲିସରେ କାର୍ଯ୍ୟ କରୁଥିବା ୩୦ ଜଣ ଏସ୍ଆଇ ଓ ୪୧ ଜଣ ଏଏସ୍ଆଇଙ୍କର ଅଦଳବଦଳ ହୋଇଥିବା ଜିଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ରେଙ୍ଗାଲି ଥାନାରେ କାର୍ଯ୍ୟ କରୁଥିବା ଏସ୍ଆଇ ସତୀଶ କୁମାର ଲେଙ୍କାଙ୍କୁ ଜାମୁଡ଼ୋଳି ଆଉଟପୋଷ୍ଟକୁ ବଦଳି କରାଯାଇଥିବାବେଳେ ସଦର ଥାନାରେ କାର୍ଯ୍ୟ କରୁଥିବା ଏସ୍ଆଇ ସତ୍ୟରଞ୍ଜନ ଲେଙ୍କାଙ୍କୁ ସାଉଥ ବଲଣ୍ଡା ଆଉଟପୋଷ୍ଟ, ନାଲ୍କୋ ଥାନାରେ କାର୍ଯ୍ୟ କରୁଥିବା ଦୁର୍ଯ୍ୟୋଧନ ମହାନନ୍ଦୀୟାଙ୍କୁ ଡେରଙ୍ଗ ଆଉଟପୋଷ୍ଟ, କୋଲିୟରୀ ଥାନାରେ କାର୍ଯ୍ୟ କରୁଥିବା ସ୍ୱରୂପ ରଞ୍ଜନ ପତ୍ରିଙ୍କୁ ବଇଣ୍ଡା ବିଟ୍ ହାଉସ୍, ସମଲ ଥାନାର କେ.ପି. ନାୟକଙ୍କୁ ମହୀଧରପୁର ବିଟ୍‌ହାଉସ୍ ଓ ଡେରଙ୍ଗ ଆଉଟପୋଷ୍ଟରେ ଥିବା ତ୍ରିଲୋଚନ ଖଟୁଆଙ୍କୁ ଟାପଡୋଳ ଆଉଟପୋଷ୍ଟକୁ ବଦଳି କରାଯାଇଛି। ଅନୁଗୋଳ ଥାନାରେ କାର୍ଯ୍ୟ କରୁଥିବା ପ୍ରଶାନ୍ତ କୁମାର ପ୍ରଧାନଙ୍କୁ ଗୋପାଳପ୍ରସାଦ ଥାନାକୁ ବଦଳି କରାଯାଇଥିବାବେଳେ ଗୋପାଳପ୍ରସାଦ ଥାନାର ଏସ୍ଆଇ ଅର୍ଚ୍ଚନା ନାୟକଙ୍କର ବଅଁରପାଳ ଥାନା, ତାଳଚେର ଥାନାର ମନୋହର ପାତ୍ରଙ୍କର ଅନୁଗୋଳ ଟାଉନ୍ ଥାନା, ଛେଣ୍ଡିପଦା ଥାନାର ସଂଘମିତ୍ରା ଶତପଥୀଙ୍କର ଅନୁଗୋଳ ଟାଉନ୍ ଥାନା, ଜରପଡ଼ା ଥାନାରେ ଥିବା ଗଙ୍ଗାଧର ବେହେରାଙ୍କର ନାଲ୍କୋ ଥାନା, ଅନୁଗୋଳ ସଦର ଥାନାରେ ଥିବା ତୁଷାରକାନ୍ତ ମହାନ୍ତିଙ୍କର ତାଳଚେର ଥାନା, ସଦରଥାନାରେ ଥିବା ସ୍ୱର୍ଣ୍ଣମୟୀ ଷଣ୍ଢଙ୍କର କୋଲିୟରୀ ଥାନା, ଅନୁଗୋଳ ଥାନାର ଶୁଭଲକ୍ଷ୍ମୀ ସିଂହଙ୍କର ଛେଣ୍ଡିପଦା ଥାନା, ତାଳଚେର ଥାନାର କେଶବ ପାଣିଙ୍କର ସଦର ଥାନାକୁ ବଦଳି ହୋଇଛି। ସେହିଭଳି ୪୧ ଜଣ ଏଏସ୍ଆଇଙ୍କର ମଧ୍ୟ ଜିଲା ମଧ୍ୟରେ ବିଭିନ୍ନ ଥାନାକୁ ବଦଳି କରାଯାଇଛି।

# ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଆଲୋଚନା

କାମାକ୍ଷାନଗର,୧୯।୧ (ଅମଜାଦ ଖାନ)

ଢେଙ୍କାନାଳ ଜିଲା କାମାକ୍ଷାନଗର ମହାବିଦ୍ୟାଳୟ ପରିସରରେ ନୂଆ-ଓ କାର୍ଯ୍ୟକ୍ରମରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ମଙ୍ଗୁଲୁ ନାୟକଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ରେଭେନ୍ସା ସ୍ୱୟଂଶାସିତ ମହାବିଦ୍ୟାଳୟ ଭାଷା, ସାହିତ୍ୟ ବିଭାଗ ପ୍ରାକ୍ତନ ବିଭାଗ ମୁଖ୍ୟ ଡ. ନବଘନ ଶତପଥୀ ଯୋଗଦେଇ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଆଲୋଚନା କରିବା ସହ ସଂସ୍କୃତିକୁ ଜନନୀ ଓ ଭାଷାକୁ ତାର କନ୍ୟା ରୂପେ ପ୍ରତିପାଦନ କରିଥିଲେ। ଏଥିସହିତ ଜଗନ୍ନାଥ ସଂସ୍କୃତିର ବୈଶିଷ୍ଟ୍ୟ ଓ ମାହାତ୍ମ୍ୟ ସମ୍ପର୍କରେ ବିଭିନ୍ନ ପୁରାଣ ଓ କିମ୍ବଦନ୍ତୀର ଉଦାହରଣ ଦେଇଥିଲେ। ପଦାର୍ଥ ବିଜ୍ଞାନ ମୁଖ୍ୟ ରଞ୍ଜନ କୁମାର ପୃଷ୍ଟି ସାହିତ୍ୟର ସୁଦୂର ପ୍ରସାରୀ ଦିଗଦିଗନ୍ତ ସମ୍ପର୍କରେ ନିଜ ଅନୁଭୂତି ଓ ଅଭିଜ୍ଞତା ବଖାଣିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରସନ୍ନ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ଡ. ଜୟକୃଷ୍ଣ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଅଧ୍ୟାପକ ମଦନ ମୋହନ ବରାଳ, ସତ୍ୟ ନାରାୟଣ ମିଶ୍ର, ଶରତ ଚନ୍ଦ୍ର ବେହେରା, ଜ୍ଞାନରଞ୍ଜନ ମିଶ୍ର, ପ୍ରଦୀପ କୁମାର ମହାପାତ୍ର, ଅଧ୍ୟାପିକା ଲିପସା ପ୍ରଧାନ, ଭାଗ୍ୟଶ୍ରୀ ସାହୁ, ବୀଣାପାଣି ନାଏକ ପ୍ରମୁଖ ଉପସ୍ଥିତ ଥିବାବେଳେ ଯୁକ୍ତ ୨ ଓ ଯୁକ୍ତ ୩ କଲେଜର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



କାମାକ୍ଷାନଗର କଲେଜରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିବୃନ୍ଦ।

## ନିରାଶ ହୋଇ ଫେରିଲେ ହିତାଧିକାରୀ

ଓଡ଼ାପଡ଼ା, ୧୯।୧ (ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ପରିସରରେ ଶୁକ୍ରବାର ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକଙ୍କ ସ୍ୱତନ୍ତ୍ର ଚିହ୍ନଟ ଏବଂ ପରୀକ୍ଷଣ ଶିବିର ଆୟୋଜନ କରାଯାଇଥିଲେ ହେଁ ଏହାକୁ ନେଇ ନରାଶ ବ୍ୟକ୍ତ କରିଛନ୍ତି ବହୁ ହିତାଧିକାରୀ। ସେମାନେ ଅଭିଯୋଗ କରିଛନ୍ତି, ଗତ ଡିସେମ୍ବର ୧୪ ଶିବିରରେ ବହୁ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇଥିଲା। ସେହିମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯିବା କଥା। ତେଣୁ ବହୁ ସଂଖ୍ୟକ ଭିନ୍ନକ୍ଷମ ବ୍ଲକକୁ ଆସିଥିଲେ। କିନ୍ତୁ ଦୀର୍ଘ ସମୟ ଧରି ଅପେକ୍ଷା କରିବା ପରେ ସେମାନଙ୍କୁ ନିରାଶ ହୋଇ ଫେରିବାକୁ ପଡ଼ିଥିଲା। ଏ ସମ୍ପର୍କରେ ବ୍ଲକର ବିଭାଗୀୟ ଅଧିକାରୀ କହିଛନ୍ତି, ଏହି ଚିହ୍ନଟ ଶିବିରରେ ୨୮୦ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇଥିବା ବେଳେ ୩୦ ଜଣ ବରିଷ୍ଠ ନାଗରିକଙ୍କୁ ଚିହ୍ନଟ କରାଯାଇ ଟିଠା ପ୍ରସ୍ତୁତ କରାଯାଇଛି। ଆବଶ୍ୟକ ସରଞ୍ଜାମ ମିଳିଲେ ହିତାଧିକାରୀମାନଙ୍କୁ ବଣ୍ଟନ କରାଯିବ।

# ଶ୍ରୀଜଗନ୍ନାଥ ବିଶ୍ୱ ଭ୍ରାତୃତ୍ୱର ପ୍ରତୀକ

ସାତମାଇଲ,୧୯।୧ (ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟା ସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟରେ ଶୁକ୍ରବାର ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଆଲୋଚନାଚକ୍ରରେ ପ୍ରଧାପିକା ଡ. ସୁଚେତା ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତିର ମାହାତ୍ମ୍ୟ, ଦର୍ଶନ ଓ ତାତ୍ତ୍ୱିକ ଦିଗ ସମ୍ବନ୍ଧରେ ଆଲୋକପାତ କରି ଶ୍ରୀଜଗନ୍ନାଥ ଚେତନାରେ ଉଦ୍‌ବୁଦ୍ଧ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱାମୀ ଜଗଦୀଶାନନ୍ଦ ସରସ୍ୱତୀ ଯୋଗଦେଇ ଦାରୁଦେବତାଙ୍କ ବିଶେଷତ୍ୱ ବଖାଣିବାକୁ ଯାଇ ତ୍ୟାଗଶୀଳତା ଓ ବିଶ୍ୱଭାତୃତ୍ୱର ପ୍ରତୀକ ଭାବେ ଶ୍ରୀଜଗନ୍ନାଥଙ୍କୁ ଚିତ୍ରଣ କରି ସେହି ଭାବଧାରାରେ ଅନୁପ୍ରାଣିତ ହେବାକୁ ଉପଦେଶ ଦେଇଥିଲେ। କାର୍ଯ୍ୟକ୍ରମର +୨ ନୋଡାଲ ଅଫିସର ଅଧ୍ୟାପକ ଦିଲୀପ କୁମାର ଗଡ଼ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ସାଂସ୍କୃତିକ କମିଟି ଚେୟାରମ୍ୟାନ ଅଧ୍ୟାପକ ଅକ୍ଷୟ କୁମାର ପାତ୍ର ଏବଂ ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଶଲ୍ୟ ସାମଲ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। +୩ ନୋଡାଲ ଅଫିସର ଲକ୍ଷ୍ମୀପ୍ରିୟା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

କଣିହାଁ, ୧୯।୧ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ହନୁମାନପୁର ପଞ୍ଚାୟତ ଅନ୍ତର୍ଗତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଝରାବେରଣୀରେ ଗୁରୁବାରଠାରୁ ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟ ଅଧ୍ୟକ୍ଷ ସୁମନ୍ତ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ଶିକ୍ଷୟିତ୍ରୀ ନମିତା ବେହେରା, ଶିକ୍ଷକ ମୁକେଶ କୁମାର ଭୋଇ, ସାମାଜିକ କର୍ମୀ ଜିତେନ୍ଦ୍ରିୟ କୁମାର ସାହୁ ଯୋଗଦେଇ ଶାରୀରିକ ବିକାଶରେ ଖେଳକୁଦ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ସହକାରୀ ଶିକ୍ଷକ ରାକେଶ କୁମାର ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହକାରୀ ଖେଳ ଶିକ୍ଷକ ଚିନ୍ତାମଣି ତରାଇ କ୍ରୀଡ଼ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ଶେଷରେ କୃତୀ ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।


ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଜଗନ୍ନାଥଙ୍କ ମହିମା ସମ୍ପର୍କରେ ବର୍ଣ୍ଣନା




କଣିହାଁ, ୧୯।୧ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ପବିତ୍ର ମୋହନ ଡିଗ୍ରୀ ମହାବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମରେ ଓଡ଼ିଆ ସାହିତ୍ୟ ଏବଂ ସଂସ୍କୃତି ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ହେମନ୍ତ କୁମାର ଦିହୁଡୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ କପିଳେଶ୍ୱର ମନ୍ଦିରର ପୂଜକ ଜିତେନ୍ଦ୍ର ମିଶ୍ର ଯୋଗଦେଇ ପ୍ରଭୁ ଜଗନ୍ନାଥଙ୍କ ମହିମା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହାପରେ ଓଡ଼ିଆ ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ବିଷୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ଓ ଗଳ୍ପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ସହଯୋଗ କରିଥିଲେ।

# ରେଳ ୟୁଜର୍ସ କମିଟିର ଗଣଧାରଣା

ତାଳଚେର,୧୯।୧ (ମନୋଜ ନନ୍ଦ)

ତାଳଚେର ରେଳ ୟୁଜର୍ସ କମିଟି ପକ୍ଷରୁ ୯ ଦଫା ଦାବିନେଇ ରେଳ ଷ୍ଟେଶନ ସମ୍ମୁଖରେ ୧୨ ଘଣ୍ଟିଆ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯାଇଥିଲା। ତାଳଚେର ଷ୍ଟେଶନକୁ ଇଣ୍ଟରସିଟି, ରାଜଧାନୀ ଏକ୍ସପ୍ରେସ, ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ ଆସିବା, ଲୁପ୍ ଲାଇନ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା, ତାଳଚେରରେ ଥିବା ସମସ୍ତ ଲେଭଲ କ୍ରସିଂରେ ଓଭରବ୍ରିଜ ନିର୍ମାଣ କରିବା, ସମସ୍ତ କୋଇଲା ବୋଝେଇ ଟ୍ରେନରେ ପାଲ ବାନ୍ଧିବା ଆଦି ଦାବିରେ ଏହି ଗଣଧାରଣା ଦିଆଯାଇଥିଲା। ଆଗାମୀ ଦିନରେ ଏହି ଦାବିଗୁଡ଼ିକ ପୂରଣ ନ ହେଲେ ତୀବ୍ର ଆନ୍ଦୋଳନ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଏହି ଗଣଧାରଣାରେ କମିଟି ସଭାପତି ସଂଗ୍ରାମ କେଶରୀ କୁଅଁର, ଚୈତନ୍ୟ ପ୍ରଧାନ, ଦିଗାମ୍ବର ଗଡନାୟକ, କେଶବ ଭୂତିଆ, ପଦ୍ମ ଚରଣ ସାମଲ, ପ୍ରେମାନନ୍ଦ ମହାନ୍ତି, ରାଜକିଶୋର ସାହୁ, ପ୍ରଫୁଲ୍ଲ ଦାସ, ଜିନେସ ସାହୁ, ସାଧାରଣ ସମ୍ପାଦକ ଅଭୟ ପାଣି ପ୍ରମୁଖ ଉପସ୍ଥିତ ଥିଲେ।


ଷ୍ଟେଶନ ସମ୍ମୁଖରେ ୧୨ ଘଣ୍ଟିଆ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯାଇଛି।

# ଠାକୁରଗଡ଼ରେ କଂଗ୍ରେସର ବୈଠକ

ବଇଣ୍ଡା, ୧୯।୧ (ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଠାରେ କଂଗ୍ରେସର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାପତି ଅନାମ ଚରଣ ସ୍ୱାଇଁଙ୍କ ନେତୃତ୍ୱରେ ଏହି ବୈଠକରେ କଂଗ୍ରେସ ନେତା ଭଗବାନ ସାହୁ, ବସନ୍ତ କୁମାର ସାହୁ, ପ୍ରଫୁଲ୍ଲ କୁମାର ସାହୁ, ଗିରିଶ ଚନ୍ଦ୍ର ନାୟକ, ପବିତ୍ର ମହାପାତ୍ର, ପୀତବାସ ମାଝି, ବିନୋଦ ବିହାରୀ ଖୁଣ୍ଟିଆଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ। ଏଥିରେ ଦଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହ ଆଗାମୀ ଦିନରେ କିଭଳି ଦଳ ମଜଭୁତ ହେବ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସମସ୍ତ କର୍ମୀ ଏକଜୁଟ ହୋଇ ଦଳ ପାଇଁ କାମ କରିବାକୁ ପରାମର୍ଶ ଦିଆଯାଇଥିଲା।



# ସେବା ମାଧ୍ୟମରେ ହୃଦୟ ଜିଣିବାକୁ ପରାମର୍ଶ

## ଏନ୍‌ଏସ୍‌ଏସ୍ ସତନ୍ତ୍ର ଶିବିର ଉଦ୍‌ଯାପିତ

ଓଡ଼ାପଡ଼ା,୧୯।୧ (ରଞ୍ଜିତ ନାୟକ)

ଉତ୍କଳ ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ଆନୁକୂଲ୍ୟରେ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟ ଦ୍ୱାରା ୭ ଦିନ ବ୍ୟାପୀ ଆୟୋଜିତ ଜାତୀୟ ସେବା ଯୋଜନାର ସତନ୍ତ୍ର ଶିବିର ଓଡ଼ାପଡ଼ା ବ୍ଲକ ବାଙ୍ଗୁରସିଂହ(ପୋଷ୍ୟ ଗ୍ରାମ)ରେ ଉଦ୍‌ଯାପିତ ହୋଇଯାଇଛି। ଗତ ୧୧ ତାରିଖରେ ମହାବିଦ୍ୟାଳୟର ଜାତୀୟ ସେବାଯୋଜନା ଅଧିକାରୀ ତଥା ଇଂଲିଶ ଅଧ୍ୟାପକ ବିଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ୫୦ ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ଏହି ଶିବିର ଆରମ୍ଭ ହୋଇଥିଲା। ସ୍ୱେଚ୍ଛାସେବୀମାନେ ବିଦ୍ୟାଳୟ, ଡାକ୍ତରଖାନା, ଧାର୍ମିକ ସ୍ଥଳ, ଜଳଉତ୍ସ ଆଦି ପରିଷ୍କାର କରି ଗ୍ରାମ ପରିବେଶକୁ ସ୍ୱଚ୍ଛ କରିଥିଲେ। ପାଇଖାନା ବ୍ୟବହାର ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ସହିତ ମହିଳାମାନଙ୍କୁ ସାନିଟାରି ପ୍ୟାଡ୍ ବଣ୍ଟନ କରିଥିଲେ। ୧୨ ଓ ୧୫ ତାରିଖରେ ନାଧରା ନିକଟସ୍ଥ ମା' ରାମଚଣ୍ଡୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ମକରମେଳାରେ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନରେ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନ ସଭାପତିତ୍ୱ କରି ସେବା ମାଧ୍ୟମରେ ଲୋକମାନଙ୍କର ହୃଦୟ ଜିଣିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ବାଙ୍ଗୁରସିଂହ ସରପଞ୍ଚ ଶ୍ରୀମତୀ ଚନ୍ଦ୍ରମା ଦଳେଇ ଯୋଗଦେଇ ସ୍ୱେଚ୍ଛାସେବୀମାନେ ତାଙ୍କ ପଞ୍ଚାୟତକୁ ସ୍ୱଚ୍ଛ କରିଥିବାରୁ ସେମାନଙ୍କୁ ସାଧୁବାଦ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ଅନୁକୂଳ ସାହୁ, ପ୍ରଦୀପ ବେହେରା ଓ ମଣିରାଜ ରାଉତ ଯୋଗଦେଇଥିଲେ। ଅଧ୍ୟାପକ ତ୍ରିଲୋଚନ ସାହୁ, ମନୋଜ କୁମାର ରାଉତ, ଡ.ଦୀନାନାଥ ଦାସ, ମଙ୍ଗରାଜ ମହାପାତ୍ର ଓ ମହାବିଦ୍ୟାଳୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ବାଲ୍ୟ ବିବାହକୁ ବିରୋଧ ପାଇଁ ସ୍ୱେଚ୍ଛାସେବୀମାନେ ଡ. ଦେବାନନ୍ଦ ଦାସଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'ଲେଖିବୁ ଆମେ ନୂଆ କାହାଣୀ' ଗ୍ରାମବାସୀଙ୍କ ସମ୍ମୁଖରେ ପରିବେଷଣକରି ସଚେତନତା ସୃଷ୍ଟି କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ବିଜୟ କୁମାର ସାହୁ ସମସ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲାବେଳେ ସ୍ୱେଚ୍ଛାସେବୀ ଶୁଭେନ୍ଦୁ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅଲକା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଆତ୍ମରକ୍ଷା କୌଶଳ ଶିକ୍ଷା ଜରୁରୀ

ଢେଙ୍କାନାଳ,୧୯।୧ (ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ଗେଙ୍ଗୁଟିଆସ୍ଥିତ ବିଜ୍ଞାନ ଓ ବୈଷୟିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଅଧ୍ୟକ୍ଷା କବିତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ସଭାପତି ଉଦୟନାଥ ମହାନ୍ତି ଓ ନୃସିଂହ ଚରଣ ମହାପାତ୍ର ଅତିଥି ଭାବେ ଯୋଗଦେଇ ବାଳିକାମାନଙ୍କ ପାଇଁ ଆତ୍ମରକ୍ଷା କୌଶଳ ଶିକ୍ଷା ନିତାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକ ଗଣେଶ୍ୱର ସାହୁଙ୍କ ପରିଚାଳନାରେ ଏହି ପ୍ରଶିକ୍ଷଣ ଶିବିରରେ ଇଂଲିଶ ଅଧ୍ୟାପକ ବନୋଜ କୁମାର ରାୟ, ଚିତପ୍ରଜ୍ଞା ମହାନ୍ତି, ଶ୍ରୀବତ୍ସ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ। ଏହି ଶିବିର ୮ଦିନ ଧରି ଚାଲିବ।



# ଟ୍ରକ୍ ଚକାତଳେ ଗଲା ଆଶାକର୍ମୀଙ୍କ ଜୀବନ

ଅନୁଗୋଳ, ୧୯।୧ (ଅମିତ କୁମାର ସାମଲ)



■ସହରମଧ୍ୟସ୍ଥ ଜାତୀୟ ରାଜପଥରେ ଚାପା ଉତ୍ତେଜନା
■କ୍ଷତିପୂରଣ ଦାବିରେ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ଅନୁଗୋଳ ସହର ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥର ଥାନା ଛକଠାରେ ଶୁକ୍ରବାର ଏକ ଟ୍ରକ୍ ଧକ୍କାରେ ଆଶାକର୍ମୀ କୁମାରୀ ସାହୁ(୪୫)ଙ୍କ ଜୀବନ ଯାଇଛି। ବୀଣାପାଣି ବେହେରା ଗୁରୁତର ହୋଇଛନ୍ତି। ଏହି ଦୁର୍ଘଟଣାକୁ ନେଇ ରାଜପଥରେ ଚାପା ଉତ୍ତେଜନା ଦେଖାଦେଇଥିଲା। ପୋଲିସ ଓ ଲୋକଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। କ୍ଷତିପୂରଣ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ମୃତାଙ୍କ ଦେଢ଼ଶୁର ପ୍ରହଲ୍ଲାଦ ସାହୁଙ୍କ ଲିଖିତ ଅଭିଯୋଗକ୍ରମେ ଅନୁଗୋଳ ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଟ୍ରକ୍ ଜବତ କରିବା ସହ ଚାଳକ ସୁନୀଲ ମଲିକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ରାଇନାଳୀ ଅଞ୍ଚଳର ଆଶାଦିଦି କୁମାରୀ ଜଣେ ପ୍ରସୂତିଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଗୁରୁବାର ରାତିରେ ଆଣିଥିଲେ। ଶୁକ୍ରବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଥିବା ଆଶା କର୍ମୀଙ୍କ ସମ୍ମିଳନୀ ପାଇଁ କୁମାରୀ ଜଣେ ସମ୍ପର୍କୀୟଙ୍କ ଘରକୁ ବାଇକ୍‌ରେ ଯାଉଥିଲେ। ତାଙ୍କ ସହିତ ବୀଣାପାଣି ମଧ୍ୟ ଥିଲେ। ଏହି ସମୟରେ ଉକ୍ତ ମୋଟରସାଇକେଲ (ନଂ. ଓଡି ୧୯ ଜେ ୬୨୭୬) ସହ ଏକ ଟ୍ରକ୍ (ନଂ. ଓଆର ୧୯ କେ ୯୨୨୫)ର ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଆଶାଦିଦି କୁମାରୀଙ୍କ ମୃତ୍ୟୁ ହୋଇଥିବାବେଳେ ରାଇନାଳୀ ଗାଁର ବୀଣାପାଣି ଗୁରୁତର ହୋଇଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକମାନେ ରାଜପଥ ଅବରୋଧ କରିଥିଲେ। ପୋଲିସ ପହଞ୍ଚି ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଲୋକଙ୍କୁ ବୁଝାଶୁଝା କରି ରାସ୍ତା ଅବରୋଧ ହଟାଇଥିଲା। ଅନ୍ୟପକ୍ଷରେ ମୃତ ଆଶା କର୍ମୀଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ଏବଂ ପରିବାରର ଜଣଙ୍କୁ ନିଯୁକ୍ତି ଦାବିରେ ଓଡ଼ିଶା ମିଳିତ ଆଶା ୟୁନିୟନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଜିଲା ଆବାହକ ତୀର୍ଥବାସୀ ଭୋଇ, ମନ୍ଦୋଦରୀ ରାଉଳଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲାମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଶିବାନନ୍ଦ ମହାନ୍ତି ଓ ମେଡିକାଲର ଅନ୍ୟ ବରିଷ୍ଠ ଅଧିକାରୀମାନେ ଆସି ଆଲୋଚନା କରିଥିଲେ ମଧ୍ୟ ବିଫଳ ହୋଇଥିଲା। ଆଶାକର୍ମୀଙ୍କ ସମ୍ମିଳନୀକୁ ବାତିଲ କରାଯିବା କଥା ସିଡିଏମଓ ଘୋଷଣା କରିଥିଲେ। କିନ୍ତୁ ଆଶାକର୍ମୀମାନେ ଆନ୍ଦୋଳନରୁ ଓହରି ନ ଥିଲେ। ପରେ ସିଡିଏମ୍‌ଓ ମହାନ୍ତି ଏବଂ ଉପଜିଲାପାଳ ବରଣ୍ୟେନ୍ଦୁ ମହାନ୍ତି ଦାବି ସମ୍ପର୍କରେ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନରୁ ଆଶାକର୍ମୀମାନେ ହଟିଥିଲେ।

# ବୃଦ୍ଧାଙ୍କ ଜୀବନ ରକ୍ଷାକଲେ ଫଟୋ ଖବରଦାତା

ଅନୁଗୋଳ, ୧୯।୧ (ଅମିତ କୁମାର ସାମଲ)

## ରେଳଧାରଣାରୁ ଉଦ୍ଧାର କରି ପଠାଇଲେ ମେଡିକାଲ

ଅନୁଗୋଳ ସଦର ଥାନା କୁମଣ୍ଡ ଚଣ୍ଡିବଜାର ରେଳ ଧାରଣାରେ ଶୁକ୍ରବାର ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣେ ବୃଦ୍ଧାଙ୍କ ଜୀବନ ରକ୍ଷା କରିଛନ୍ତି 'ଧରିତ୍ରୀ'ର ଅନୁଗୋଳ ଫଟୋ ଖବରଦାତା ଜ୍ୟୋତିରଞ୍ଜନ ସାହୁ (ବୁବୁ)। କୌଶଳକ୍ରମେ ସେ ଟ୍ରେନ୍‌କୁ ରୋକିବା ସହ ଧାରଣା ମଧ୍ୟରେ ଶୋଇଥିବା ବୃଦ୍ଧାଙ୍କୁ ଟ୍ରେନ୍ ତଳୁ ଉଦ୍ଧାର କରି ମେଡିକାଲ ପଠାଇ ସାଧାରଣରେ ବେଶ୍ ପ୍ରଶଂସା ସାଉଣ୍ଟିଛନ୍ତି।

ପ୍ରକାଶ ଯେ, ବଡ଼ତ୍ରିବିଡ଼ା ଅଞ୍ଚଳର ବୃଦ୍ଧା ଅନ୍ନପୂର୍ଣ୍ଣା ସାହୁ(୬୦) ପାରିବାରିକ କଳହରେ ଅତିଷ୍ଠ ହୋଇ ସକାଳେ ଅନୁଗୋଳ ସହରକୁ ଚାଲିଆସିଥିଲେ। ଆତ୍ମହତ୍ୟା ପାଇଁ ସେ ଚଣ୍ଡିବଜାର ଛକରେ ଥିବା ରେଳଧାରଣା ମଝିରେ ଶୋଇପଡ଼ିଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟା ୨୦ରେ ଉକ୍ତ ରେଳ ଧାରଣାରେ ଅନୁଗୋଳରୁ ସମ୍ବଲପୁର ଅଭିମୁଖେ ଏକ ମାଲବାହୀ ଟ୍ରେନ୍ ଆସୁଥିବା ବେଳେ ଏହା ଦେଖି ସେହିବାଟ ଦେଇ ଯାଉଥିବା ଫଟୋ ଖବରଦାତା ବୁବୁ ଉପସ୍ଥିତ ବୁଦ୍ଧି ଖଟାଇ ଟ୍ରେନ୍ ଅଟକାଇବାକୁ ଉଦ୍ୟମ କରିଥିଲେ। ଫଳରେ ଟ୍ରେନ୍‌ର ଗତି ଧିମା ହେବା ସହ ୨ଟି ଇଞ୍ଜିନ ଓ ୪ଟି ବଗି ବୃଦ୍ଧାଙ୍କ ଉପର ଦେଇ ଚାଲିଯାଇଥିଲା। ଟ୍ରେନ୍ ଅଟକିଯିବା ପରେ ତୁରନ୍ତ ବୁବୁ ବୃଦ୍ଧାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏହି ଖବର ପ୍ରଘଟ ହେବା ପରେ ସହରବାସୀ ବୁବୁଙ୍କୁ ପ୍ରଶଂସା କରିଛନ୍ତି।



ଧାରଣା ମଝିରେ ଟ୍ରେନ୍ ତଳେ ରହିଯାଇଥିବା ବୃଦ୍ଧାଙ୍କୁ ଉଦ୍ଧାର କରାଯାଉଛି।

# ଶୋଭାଯାତ୍ରାରେ ଗ୍ରାମକୁ ଅଣାଗଲା ବିଗ୍ରହ

ବଇଣ୍ଡା, ୧୯।୧ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ହଣ୍ଡପା ଥାନା ଇଚ୍ଛାପୁର ଗ୍ରାମରେ ଶିବ ମନ୍ଦିର ନିର୍ମାଣ ଚାଲିଛି। ଏହି ମନ୍ଦିର ପାଇଁ ଶୁକ୍ରବାର ଗ୍ରାମକୁ ଶିବ ଓ ପାର୍ବତୀଙ୍କ ବିଗ୍ରହ ଅଣାଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ଉତ୍ତରାଖଣ୍ଡସ୍ଥିତ ହରିଦ୍ୱାରରୁ ଏହି ମୂର୍ତ୍ତି ଅଣାଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ଲୁହାମୁଣ୍ଡା ଠାରୁ ଇଚ୍ଛାପୁର ଯାଏ ବିରାଟ ଶୋଭାଯାତ୍ରା କରାଯାଇଥିଲା। ମନ୍ଦିର ପ୍ରତିଷ୍ଠା ପରେ ସେଠାରେ ବିଗ୍ରହ ପୂଜା ପାଇବେ। ଗ୍ରାମରୁ ଯାଇଥିବା ଜେନାମଣି ସାହୁ, ଉତ୍ତମ କୁମାର ମାଟିଆରୀ, ଭାଗୀରଥି ସାହୁ ଏବଂ ତପନ କୁମାର ବିଗ୍ରହଙ୍କୁ ହରିଦ୍ୱାରରୁ ଆଣିଥିଲେ। ଏହି ବିଗ୍ରହ ଶୋଭାଯାତ୍ରାକୁ ଲୁହାମୁଣ୍ଡା ଠାରେ ଗ୍ରାମବାସୀ ସ୍ୱାଗତ କରିଥିଲେ। ଗ୍ରାମର ମନୋରଞ୍ଜନ ସାହୁ, ବିଶ୍ୱାମିତ୍ର ଧଳ, ପ୍ରହଲ୍ଲାଦ ସାହୁ, ସନାତନ ସାହୁ, ପୂର୍ଣ୍ଣଚନ୍ଦ୍ର ମାଝି, କୈବଲ୍ୟ ସାହୁ, ସୁମନ୍ତ ସାହୁ, ବାପୁଜୀ ଦେହୁରୀ, ଶ୍ରବଣ ସାହୁଙ୍କ ସମେତ ଇଚ୍ଛାପୁର ଗ୍ରାମବାସୀ ସହଯୋଗ କରିଥିଲେ।



## ବିରଳ ପକ୍ଷୀ ବନବିଭାଗକୁ ହସ୍ତାନ୍ତର



ଛେଣ୍ଡିପଦା, ୧୯।୧ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କମ୍ପସଲା ଗ୍ରାମ ନିକଟସ୍ଥ ଟିକିରା ବ୍ରିଜ୍ ଉପରୁ ଏକ ବିରଳ ପକ୍ଷୀକୁ ଗ୍ରାମବାସୀ ଉଦ୍ଧାର କରି ବନବିଭାଗକୁ ହସ୍ତାନ୍ତର କରିଛନ୍ତି। ଏହି ପକ୍ଷୀଟି ଦେଖିବାକୁ ଠିକ୍ ଗରୁଡ଼ ଭଳି ହୋଇଥିବାରୁ କମ୍ପସଲା ଗ୍ରାମବାସୀ ତାହାକୁ ପୂଜାର୍ଚ୍ଚନା କରିଥିଲେ। ଉକ୍ତ ପକ୍ଷୀକୁ ଦେଖିବା ପାଇଁ ଗ୍ରାମରେ ଭିଡ଼ ପରିଲକ୍ଷିତ ହୋଇଥିଲା। କଇଁଛପଦା ଗ୍ରାମର ଅଶୋକ ମହାପାତ୍ର ଓ କମ୍ପସଲା ଗ୍ରାମର ଭରତ ସାହୁ ଉକ୍ତ ପକ୍ଷୀଟି ଉଦ୍ଧାର କରି ଗ୍ରାମକୁ ଆଣିବା ସହ ବନ ବିଭାଗ କର୍ମଚାରୀଙ୍କୁ ହସ୍ତାନ୍ତର କରିଥିଲେ। ବନବିଭାଗ କର୍ମଚାରୀମାନେ ଉକ୍ତ ପକ୍ଷୀକୁ ବନାଞ୍ଚଳ କାର୍ଯ୍ୟାଳୟକୁ ଆଣିଥିବା ସୂଚନା ମିଳିଛି।

# ଜେଏସ୍‌ପି ପକ୍ଷରୁ ମାଇନ୍ସ ସୁରକ୍ଷା ପକ୍ଷ

ଅନୁଗୋଳ, ୧୯।୧ (ଅମିତ କୁମାର ସାମଲ)

ସୁରକ୍ଷା ପ୍ରତିବଦ୍ଧତାର ମନ୍ତ୍ର ନେଇ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)ର ଅନୁଗୋଳ ଜିଲା ରାଇଝରଣ ସ୍ଥିତ ଉତ୍କଳ-ସି କୋଲ୍ ବ୍ଲକ ଠାରେ ପ୍ରଥମ ବାର୍ଷିକ ମାଇନ୍ସ ସୁରକ୍ଷା ପକ୍ଷ ପାଳିତ ହେଉଛି। ଏହି କାର୍ଯ୍ୟକ୍ରମରେ ଡିଏମ୍‌ଏସ୍ ଭୁବନେଶ୍ୱର ମଣ୍ଡଳ-୧ କ୍ରିଷନେନ୍ଦୁ ମଣ୍ଡଳ, ଡିଡିଏମ୍‌ଏସ୍ ଭୁବନେଶ୍ୱର ମଣ୍ଡଳ ଟି. ହରିପ୍ରସାଦ ଏବଂ ଅନୁଧ୍ୟାନକାରୀ ଅଧିକାରୀ ଡି.କେ. ପ୍ରଧାନଙ୍କ ସମେତ ଅନ୍ୟ ଅଧିକାରୀମାନେ ଯୋଗଦାନ କରିଥିଲେ। ଏହି ଅବସରରେ ଅଧିକାରୀମାନେ କୋଇଲା ଖଣି ଅଞ୍ଚଳ ବୁଲି ଦେଖିବା ସହ ସାମାଜିକ ଦାୟିତ୍ୱବୋଧ ଏବଂ ସୁରକ୍ଷା ଦର୍ଶାଉଥିବା ଷ୍ଟଲ୍‌ଗୁଡିକୁ ଉଦ୍‌ଘାଟନ କରିଥିଲେ।





ଉତ୍କଳ-ସି କୋଲ୍ ବ୍ଲକ ଠାରେ ମାଇନ୍ସ ସୁରକ୍ଷା ପକ୍ଷ ଅବସରରେ ଅଧିକାରୀମାନେ।

ଜେଏସ୍‌ପି ମେଟେରିଆଲ ମୁଖ୍ୟ ଆଶିଷ ପାଣ୍ଡେ ଏବଂ ଭି.ପି. କୋଲ ମାଇନ୍ସ ନୀରଜ କାଲାଙ୍କ ନେତୃତ୍ୱରେ ଉତ୍କଳ-ସି କୋଲ ବ୍ଲକର ଅନ୍ୟ ଅଧିକାରୀମାନେ ଅଂଶଗ୍ରହଣ କରି ସୁରକ୍ଷା କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇଥିଲେ। ଏହି ଅବସରରେ ଡିଏମ୍‌ଏସ୍ ଭୁବନେଶ୍ୱର ମଣ୍ଡଳ-୧ ଶୂନ୍ୟ କ୍ଷତି ନିମନ୍ତେ ନିଆଯାଇଥିବା ପଦକ୍ଷେପ ଗୁଡିକର ପ୍ରଶଂସା କରିବା ସହ ଏହି ପ୍ରୟାସରେ ସଫଳତା ଲାଭ ନିମନ୍ତେ ଶୁଭେଚ୍ଛା ଜଣାଇଥିଲେ। ଡିଏଭି ସାବିତ୍ରୀ ଜିନ୍ଦଲ ସ୍କୁଲ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସ୍ୱାଗତ ସଙ୍ଗୀତ, ସୁରକ୍ଷା ସମ୍ବନ୍ଧୀୟ ନାଟକ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଖଣି କ୍ଷେତ୍ରରେ ସୁରକ୍ଷାକୁ ପ୍ରାଥମିକତା ପ୍ରଦାନ କରି ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଶିଳ୍ପ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଉଦାହରଣ ସୃଷ୍ଟି କରିପାରିଛି ବୋଲି ଜେଏସ୍‌ପି ମେଟେରିଆଲ ମୁଖ୍ୟ ଆଶିଷ ପାଣ୍ଡେ ପ୍ରକାଶ କରିଥିଲେ।

# କିଶୋରନଗର ବ୍ଲକ କାର୍ଯ୍ୟାଳୟ ଘେରାଉ

ବଇଣ୍ଡା, ୧୯।୧ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକରେ ଦୁର୍ନୀତି ବଢୁଥିବା ଅଭିଯୋଗ କରି ଶୁକ୍ରବାର ଆଠମଲ୍ଲିକ ସ୍ୱାଭିମାନ ମଞ୍ଚ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ମଞ୍ଚ ଆବାହକ ଅର୍ଜୁନ କୁମାର ସାହୁଙ୍କ ନେତୃତ୍ୱରେ ବହୁ ହିତାଧିକାରୀ ସାମିଲ ହୋଇ ସାଧୁପାଳ ମନ୍ଦିର ଠାରୁ ଏକ ଶୋଭାଯାତ୍ରାରେ ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରକୃତ ହିତାଧିକାରୀମାନଙ୍କୁ ଅବାସ ଯୋଜନାରେ ଘର ଦିଆଯାଉ ନାହିଁ। ଗରିବ ଶ୍ରେଣୀର ଲୋକଙ୍କ ପାଇଁ ଆସୁଥିବା ସମସ୍ତ ସରକାରୀ ଯୋଜନା ବାଟମାରଣା କରାଯାଉଛି। ନିର୍ବାଚିତ ପ୍ରତିନିଧିଙ୍କୁ ଉପେକ୍ଷା କରାଯାଇ କେତେଜେଣ କୁଜି ନେତାଙ୍କୁ ବ୍ଲକ ଅଧିକାରୀମାନେ ହାତ କରି ଅନେକ ଯୋଜନା ଅର୍ଥ ହଡପ କରୁଛନ୍ତି। ସେହିପରି ପଥରଗଡ, ରଙ୍ଗମାଟିଆ ଗ୍ରାମକୁ ରାସ୍ତା ନ ଥିବା ବେଳେ ସରକାରୀ ଯୋଜନା ପହଞ୍ଚି ପାରୁନାହିଁ। ସୁରେଶ୍ୱରୀ, ଧଉରାଗୋଠ ଜଳସେଚନ ପ୍ରକଳ୍ପ ନିର୍ମାଣ ହେଉନାହିଁ। ଡାକ୍ତରଖାନାରେ ଡାକ୍ତର ନାହାନ୍ତି। ୫୫ନଂ. ଜାତୀୟ ରାଜପଥ କାର୍ଯ୍ୟ ସମାପ୍ତ ହେଉ ନ ଥିବା ଯୋଗୁ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଥିବା ଆଦି ୯ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କିଶୋରନଗର ବିଡିଓଙ୍କୁ ପ୍ରଦାନ କରାଯାଇଥିଲା। ପ୍ରକାଶ ସେଠୀ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଯୋଗୀନ୍ଦ୍ର ନାୟକ, ଦେବେନ୍ଦ୍ର କର୍ମୀ, ଲକ୍ଷ୍ମୀକାନ୍ତ ବେହେରା, ବିଧାନ ବଘାର, ପ୍ରଦୀପ ଦେହୁରୀ, ପ୍ରଭାକର ବଘାର, ଦିଲୀପ ବଘାର, ସଞ୍ଜୟ ବେହେରା, ସୁନୀଲ ସାହୁ, ଅଜୟ ସାହୁ, ଜ୍ୟାତି ସାହୁ, ମିଟୁ ଦେହୁରୀଙ୍କ ସମେତ ବହୁ ଅଞ୍ଚଳବାସୀ ଯୋଗ ଦେଇଥିଲେ।





କିଶୋରନଗର ବ୍ଲକ ଘେରାଉ କରାଯାଇଛି।

## ଫକୀର ମୋହନ ଜୟନ୍ତୀ ପାଳିତ

କଣିହାଁ, ୧୯।୧ (ସଚ୍ଚିଦାନନ୍ଦ ପ୍ରଧାନ)

ସୃଜନୀ କଣିହାଁ ଉଦ୍ୟୋଗରେ ବ୍ୟାସ କବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଗୋଳ ଜିଲା କଣିହାଁ ବ୍ଲକ ଗଦାଶିଳାସ୍ଥ ବାଜି ରାଉତ ସ୍ମୃତି ପାଠାଗାରଠାରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଆଲୋଚନାସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାକୁ ସୃଜନୀ କଣିହାଁର ଉପଦେଷ୍ଟା ଜୟସେନ ମେହେର ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ବଳରାମ ବିଶ୍ୱାଳ ଯୋଗଦେଇ ଫକୀରମୋହନ ସାହିତ୍ୟ ସାଧନା ମାଧ୍ୟମରେ ସେହି ସମୟର ସାମାଜିକ ଚିତ୍ରକୁ ଠିକ୍ ଭାବେ ବର୍ଣ୍ଣନା କରି ଜନସାଧାରଣଙ୍କ ମଧ୍ୟରେ ଜାଗରଣ ଆଣିଥିଲେ ବୋଲି ଉଲ୍ଲେଖ କରିଥିଲେ। ଏଥିସହିତ ସେନାପତିଙ୍କ ଗଳ୍ପ ଓ ଉପନ୍ୟାସକୁ ଭଲ ଭାବେ ପଢି ବୁଝିବା ପାଇଁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।

# ନାଲ୍‌କୋ ଠିକା ଶ୍ରମିକ ସମନ୍ୱୟ କମିଟି ଧର୍ମଘଟ ସ୍ଥଗିତ

ଅନୁଗୋଳ,୧୯।୧ (ଅମିତ କୁମାର ସାମଲ)

ନାଲ୍‌କୋ ଠିକା ଶ୍ରମିକ ସମନ୍ୱୟ କମିଟି ପକ୍ଷରୁ ହେବାକୁ ଥିବା ଧର୍ମଘଟକୁ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ସୂଚନା ଅନୁଯାୟୀ, ଗତ ଡିସେମ୍ବର ୧୪ରେ ଏଏଲ୍‌ସି ସେଣ୍ଟ୍ରାଲ, ନାଲ୍‌କୋ କର୍ତ୍ତୃପକ୍ଷ, ଏବଂ ଠିକାଶ୍ରମିକ ସମନ୍ୱୟ କମିଟି କର୍ମକର୍ତ୍ତାମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଠିକା ଶ୍ରମିକ ସମନ୍ୱୟ କମିଟି ପକ୍ଷରୁ ରଖାଯାଇଥିବା ୫ ଦଫା ଦାବିର ସମାଧାନ କରିବାକୁ ଜାନୁଆରୀ ୧୮ ତାରିଖ ପର୍ଯ୍ୟନ୍ତ କର୍ତ୍ତୃପକ୍ଷ ସମୟ ନେଇଥିଲେ। ପରେ ଆଉ ଏକ ବୈଠକରେ ନାଲ୍‌କୋ କର୍ପୋରେଟ କାର୍ଯ୍ୟାଳୟରୁ ଡିଜିଏମ୍ (ଏଚ୍‌ଆର୍) ସିମାନୀ ମହାପାତ୍ର ଉପସ୍ଥିତ ରହି ୨୯ ତାରିଖ ସୁଦ୍ଧା ନାଲ୍‌କୋ ଅଧ୍ୟକ୍ଷଙ୍କ ସହିତ ଏକ ଜରୁରୀ ବୈଠକ କରାଯାଇ ଆଲୋଚନା ମାଧ୍ୟମରେ ଦାବି ସମାଧାନ ହେବାକୁ ପ୍ରତିଶ୍ରୁତି ଦେବାରୁ କମିଟି ଧର୍ମଘଟକୁ ୨୯ ଯାଏ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲା। ଏହି ବୈଠକରେ ନାଲ୍‌କୋ ଠିକା ଶ୍ରମିକ ସମନ୍ୱୟ କମିଟି ମୁଖ୍ୟ ଉପଦେଷ୍ଟା ଟିକନ ଚନ୍ଦ୍ର ଦାସ, ସଭାପତି ବାବୁଲି ସେଠୀ, ଉପ ସଭାପତି ପ୍ରମୋଦ ସେଠୀ, କୁମର ସାହୁ, ସାଧାରଣ ସମ୍ପାଦକ ଅନୀଲ କୁମାର ବରାଳ, ସମ୍ପାଦକ ଶଶାଙ୍କ ଶେଖର ସାମଲ, ସଂଯୋଜକ ପ୍ରଶ୍ନ ମହାନ୍ତି, ମଳୟ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ କମିଟି ଅଧିକାରୀ ଓ କର୍ମକର୍ତ୍ତାମାନେ।

# 'ଅନେକ ଭାଷାରେ ସାହିତ୍ୟ ସୃଷ୍ଟି ହୋଇ ନାହିଁ'

ଆଠମଲ୍ଲିକ,୧୯।୧ (ଉଦୀପ୍ତ ପୁରୋହିତ)

ବିଶ୍ୱ ଭାଷା ସମ୍ମିଳନୀ ଉପଲକ୍ଷେ ଆଠମଲ୍ଲିକସ୍ଥିତ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ସାହିତ୍ୟ ସୃଜନୀ, କୌଶଳୀ, ଜିଜ୍ଞାସା ଓ କ୍ରୀଡ଼ାଙ୍ଗନ କ୍ଲବ ଆନୁକୂଲ୍ୟରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁନୀଲ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାହିତ୍ୟ ଚର୍ଚ୍ଚାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତଥା ଶିକ୍ଷାବିତ୍ ଦେବରାଜ ନାୟକ ଯୋଗଦେଇ ବିଶ୍ୱରେ ୭ ହଜାରରୁ ଊର୍ଦ୍ଧ୍ୱ ଭାଷା ପ୍ରଚଳନ ହେଉଥିଲେ ମଧ୍ୟ ଅନେକ ଭାଷାରେ ସାହିତ୍ୟର ସୃଷ୍ଟି ହୋଇ ନାହିଁ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆମ ସ୍କୁଲ ଅଭିଯାନ ଅଧ୍ୟକ୍ଷ ଆଇନଜୀବୀ ଜିତେନ କୁମାର ମିଶ୍ର, ସ୍କୁଲ ପରିଚାଳନା କମିଟି ସଭାପତି ଗଦାଧର ସ୍ୱାଇଁ, ଶିକ୍ଷକ ସୁଧାଂଶୁ ଶେଖର ବିଶ୍ୱାଳ ପ୍ରମୁଖ ଯୋଗଦେଇ ସରକାରଙ୍କ ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ର ଉପକୃତ ହୋଇପାରିବେ ବୋଲି କହିଥିଲେ। ଶିକ୍ଷକ ସତ୍ୟରଞ୍ଜନ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## କୋଇଲା ପରିବହନରେ ଠକେଇ, ଆଉ ୨ ଗିରଫ

ଛେଣ୍ଡିପଦା, ୧୯।୧ (ଅଜିତ ଧଳ)

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ନିକଟସ୍ଥ ଏକ କମ୍ପାନୀକୁ ଆସୁଥିବା କୋଇଲା ପରିବହନରେ ୪ଲକ୍ଷରୁ ଅଧିକ ଟଙ୍କାର କୋଇଲା ଠକେଇ ଘଟଣାରେ ପୋଲିସ ଆଉ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଘଟଣାରୁ ପ୍ରକାଶ, ଉକ୍ତ କମ୍ପାନୀର କୋଇଲା କ୍ରୟ ବିଭାଗ ମ୍ୟାନେଜର ସୁଧାକର ଦୁବେ ଗତ ଡିସେମ୍ବର ୩ରେ କମ୍ପାନୀକୁ ଆସୁଥିବା କୋଇଲା ଗାଡି ସଂଖ୍ୟା ଓ ସିଷ୍ଟମ ଏଣ୍ଟ୍ରିକୁ ଯାଞ୍ଚ କରିବା ବେଳେ ୬ଟି ଟ୍ରକ୍‌ରେ ଆସିଥିବା ୪ଲକ୍ଷ ୨୮ ହଜାର ୧୨୮ ଟଙ୍କାର କୋଇଲାକୁ ଓଜନ କଣ୍ଟାର ଇନଚାର୍ଜ ଅମରେଶ ସ୍ୱାଇଁ ଓ ଅପରେଟର ରାକେଶ ସେଠୀ ଜାଲିଆତି କରିଥିବା ଜାଣିବାକୁ ପାଇଥିଲେ। ଏ ନେଇ ମ୍ୟାନେଜର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୫୧/୨୩ରେ ମାମଲା ରୁଜୁ କରିବା ସହିତ ତଦନ୍ତ କରି ଅମରେଶ ଓ ରାକେଶଙ୍କୁ ପୂର୍ବରୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅନୁଗୋଳ ଖଲାରି ଗ୍ରାମର ଦିବ୍ୟରଞ୍ଜନ ଅମାନ୍ତ ଓ ଜରପଡା ଦୁବେ ଗ୍ରାମର ମାମୁଲି ବେହେରାଙ୍କୁ ଗିରଫ କରିଛି।

# ଦର୍ଶକଙ୍କୁ ଅଶ୍ରୁସିକ୍ତ କଲା 'ଲୁହର ରଙ୍ଗ'

ଅନୁଗୋଳ,୧୯।୧ (ଅମିତ କୁମାର ସାମଲ)



## ନାଟକ ମହୋତ୍ସବର ତୃତୀୟ ସନ୍ଧ୍ୟା

ଅନୁଗୋଳ ସଭାଘରେ ନାଟ୍ୟ ମେଳାର ତୃତୀୟ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଥିଲା ନାଟକ ଲୁହର ରଙ୍ଗ। ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ନବଦୀପ ମହାଳିକ ଏହି ସନ୍ଧ୍ୟା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ ଦେବଗଡ଼ ପକ୍ଷରୁ ଏହି ନାଟକ ମଞ୍ଚସ୍ଥ ହୋଇଥିଲା। ବିଶିଷ୍ଟ ଚିତ୍ରଶିଳ୍ପୀ ରାଇମୋହନଙ୍କ ମା' ଛେଉଣ୍ଡ ବିବାହିତା କନ୍ୟା ଅସମୟରେ ବିଧବା ପାଲଟି ତାଙ୍କ ପାଖକୁ ଫେରି ଆସେ। ଏପରି ଘଟଣାରେ ଖୁବ୍ ମ୍ରିୟମାଣ ହୋଇ ରାଇମୋହନ ରଙ୍ଗତୂଳୀ ଛାଡି ମଦ ବୋତଲକୁ ଆପଣେଇ ନିଅନ୍ତି। ବିଧବା ଝିଅ କଳ୍ପନା ପୁଣି କିପରି ତାର ସିନ୍ଥିରେ ସିନ୍ଦୂର ଫେରିପାଇବ ସେ ନେଇ ସବୁବେଳେ ସେ ଚିନ୍ତାରେ ଥାଆନ୍ତି। ଏହି ଅସମୟରେ ତାଙ୍କ ପରିବାର ସହିତ ଯୋଡ଼ି ହୁଅନ୍ତି ଯୁବ ଚିତ୍ରଶିଳ୍ପୀ ଅବିନାଶ ଗୁରୁ। ଗୋପନରେ ନୀରବତା ଭିତରେ ଅବିନାଶ ଓ କଳ୍ପନାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠେ। ଅବିନାଶ ନିଜ ବନ୍ଧୁ ଅଭିଷେକଙ୍କୁ ନିଜ ମନର କଥା ଜଣାନ୍ତି। କିନ୍ତୁ ଅଭିଷେକ ଅବିନାଶଙ୍କ ଏହି ସମ୍ପର୍କର କଥା ରାଇମୋହନଙ୍କୁ ଜଣାଇ ପାରନ୍ତିନି। ଏପରି ଘଟଣାକ୍ରମ ମଧ୍ୟରେ ହଠାତ ପଡ଼ୋଶୀ ପତ୍ନିହରା ଅଧ୍ୟାପକ ଦିଲୀପ ବାବୁ ନିଜର ଛୋଟ ଝିଅକୁ ମା'ର ସ୍ନେହ ଦେବାକୁ ଯାଇ ବିଧବା କଳ୍ପନାଙ୍କୁ ବାହାହେବା ପାଇଁ ରାଜି ହୋଇଯାଆନ୍ତି। ଏହାକୁ ନେଇ ଭାଙ୍ଗିଯାଏ ଅବିନାଶଙ୍କ ମନ। ତଥାପି ଭାରାକ୍ରାନ୍ତ ହୃଦୟକୁ ନେଇ ସେ କିଛି ଦିନ ପାଇଁ ଭୁବନେଶ୍ୱର ଚାଲିଯାଆନ୍ତି ପେଣ୍ଟିଂ ନିମନ୍ତେ ଜାତୀୟସ୍ତରର ପୁରସ୍କାର ଗ୍ରହଣ କରିବା ପାଇଁ। ଏହାପରେ ସବୁକିଛି ବଦଳି ସାରିଥାଏ। ମିନି ଦୁର୍ଘଟଣାରେ କୁନି ଝିଅ ମରିଯିବା ପରେ ଦିଲୀପ ବାବୁ ଚାକିରି ଛାଡ଼ି ଏକାକୀ ଚାଲିଯାଆନ୍ତି ବୃନ୍ଦାବନକୁ। କଳ୍ପନା ସ୍ଥିର କରିନିଅନ୍ତି, ସେ ଏକ ଅଶୁଭ ଲଗ୍ନରେ ଜନ୍ମ ହୋଇଥିବା ଝିଅଟିଏ। ମା'କୁ ହରାଇଲେ, ସ୍ୱାମୀକୁ ବି ହରାଇଲେ। ଯିଏ ତାଙ୍କୁ ମା' ବୋଲି ମାନି ନେଇଥିଲା ସେ ଝିଅକୁବି ହରାଇଲେ। ଏପରି ଅନୁଶୋଚନା ଚାପରେ ଜୀବନ ହାରି ଦିଅନ୍ତି କଳ୍ପନା। ଭୁବନେଶ୍ୱରରୁ ଫେରି ଅବିନାଶ ତାଙ୍କ ମନ କଥା ରାଇମୋହନଙ୍କୁ ଜଣାନ୍ତି। ରାଇମୋହନ ଅନୁତପ୍ତ ହୁଅନ୍ତି। ଅବିନାଶଙ୍କ ଆଖିର ଲୁହକୁ ବ୍ରଶରେ ବୁଡାଇ ଧରାଇ ଦିଅନ୍ତି। ଅନୁମତି ଦିଅନ୍ତି ସିନ୍ଥିରେ ସିନ୍ଦୂର ବିନ୍ଦୁଟିଏ ଆଙ୍କି ଦେବାକୁ। ଏହି ନାଟକକୁ ରଚନା କରିଛନ୍ତି ଅଶୋକ କୁମାର ବହିଦାର। ନିର୍ଦ୍ଦେଶନା ଦେଇଛନ୍ତି ସୁଜିତ କୁମାର ପାତ୍ର। ସଙ୍ଗୀତ ନିର୍ଦ୍ଦେଶନା ଶକ୍ତି ପ୍ରସାଦ ମିଶ୍ର। ସମାରୋହରେ ନାଟ୍ୟମ ସଭାପତି ସୁଧାଂଶୁ ମୋହନ ଦ୍ୱିବେଦୀ ଓ ସମ୍ପାଦକ ସମୀର ପଟ୍ଟନାୟକ ଉପସ୍ଥିତ ଥିଲେ। ନିଝର୍ ଅଲି ଦାମାନି ଓ ହୃଦାନନ୍ଦ ପଣ୍ଡା ମଞ୍ଚରେ ସହାୟତା କରିଥିଲେ।

# ଜଗନ୍ନାଥ ସଂସ୍କୃତିର ମାହାତ୍ମ୍ୟ ଉପରେ ଆଲୋକପାତ

ଢେଙ୍କାନାଳ,୧୯।୧(ରତନ ନାୟାର)

ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟରେ ଶୁକ୍ରବାର ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ. ସମୀର କୁମାର ସାହୁ ଉତ୍ସବରେ ସଭାପତିତ୍ୱ କରିବା ସହିତ ଏହାକୁ ଉଦ୍‌ଘାଟନ କରି ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ଏବଂ ଜଗନ୍ନାଥ ସଂସ୍କୃତିର ମହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୨୪ ତାରିଖରେ ଶେଷ ହେବ ବୋଲି ଅଧକ୍ଷ ସୂଚନା ଦେଇଥିଲେ। ଉଦ୍‌ଘାଟନ ଉତ୍ସବରେ ରଙ୍ଗୋଲି, ବକ୍ତୃତା, କବିତା ଆବୃତ୍ତି ପ୍ରତିଯୋଗିତା ହୋଇଥିବା ବେଳେ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପ୍ରତିଯୋଗିତା ହେବ ବୋଲି ସ୍ଥିର ହୋଇଥିଲା। ସଂସ୍କୃତ ବିଭାଗ ଏବଂ ଓଡ଼ିଆ ବିଭାଗ ସଂଯୋଜିକା ଅଧ୍ୟାପିକା ସ୍ୱର୍ଣ୍ଣଲତା ମହାଳିକ ଓ ନିରୁପମା ନାୟକ ଯୋଗଦେଇ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ ଡ. ନିହାର ରଞ୍ଜନ ନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।


ସାନ୍ଧ୍ୟ ମହାବିଦ୍ୟାଳୟରେ ନୂଆ-ଓ ସାହିତ୍ୟ ପ୍ରତିଯୋଗିତାରେ ଅତିଥିମାନେ ।

# ମାମୁଘରେ ଭାଣିଜୀଙ୍କୁ ମାରିଥିଲେ ପ୍ରେମିକ

## ହତ୍ୟା ଘଟଣା ଉପରୁ ପରଦା ହଟାଇଲା ପୋଲିସ

ଭୁବନ,୧୯।୧(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଥାନା କୁନିନ୍ଦା ଗ୍ରାମର ମାମୁ ସୁଦାମ ବାରିକଙ୍କ ଘରେ ରହୁଥିବା କଲେଜ ଛାତ୍ରୀ ଭାଣିଜୀ ପଦ୍ମିନୀ ନାୟକଙ୍କ ହତ୍ୟା ଘଟଣା ଉପରୁ ଶୁକ୍ରବାର ପରଦା ହଟାଇଛି ପୋଲିସ। ଫେସ୍‌ବୁକ୍ ସମ୍ପର୍କରୁ ପ୍ରେମିକ ସାଜିଥିବା ମୁଆ ଗ୍ରାମର ପ୍ରମୋଦ ବାହାଲିଆ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ବୋଲି ପୋଲିସ ପ୍ରକାଶ କରିଛି। ଗିରଫ ପରେ ଅଭିଯୁକ୍ତ ପ୍ରମୋଦଙ୍କୁ କୋର୍ଟଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି।

ପୋଲିସ କହିଛି, ବାସୁଦେଇପୁର ଗ୍ରାମର ବ୍ରହ୍ମାନନ୍ଦ ନାୟକଙ୍କ ଝିଅ ପଦ୍ମିନୀ ପିଲାବେଳୁ କୁନିନ୍ଦା ଗ୍ରାମସ୍ଥିତ ମାମୁ ଘରେ ରହି ପାଠ ପଢୁଥିଲେ। ଯୁକ୍ତ ୩ରେ ପଢୁଥିବା ପଦ୍ମିନୀଙ୍କ ସହ ଫେସବୁକରେ ଅଭିଯୁକ୍ତ ପ୍ରମୋଦଙ୍କ ପରିଚୟ ହୋଇଥିଲା। ପରେ ଏହା ପ୍ରେମ ସମ୍ପର୍କରେ ପରିଣତ ହୋଇଥିଲା। ତେବେ ଗତ ୧୫ ତାରିଖରେ ମାମୁ ସୁଦାମ କ୍ରିକେଟ୍ ମ୍ୟାଚ ଦେଖିବାକୁ ଚାଲିଯାଇଥିଲେ। ମାଈଁ ମଧ ଘରେ ନ ଥିଲେ। ଏହାର ସୁଯୋଗ ନେଇ ପଦ୍ମିନୀ ପ୍ରେମିକ ପ୍ରମୋଦଙ୍କୁ ଫୋନ କରି ଡକାଇଥିଲେ। ପ୍ରମୋଦ ଏକ ବାଇକ୍ (ନଂ. ଓଡି ୦୬ ଜେ ୬୯୯୨)ରେ କୁନିନ୍ଦା ଗ୍ରାମକୁ ଯାଇଥିଲେ। ହେଲେ ମକର ଯାତ୍ରା ଦେଖିବାକୁ ନେଇ ପଦ୍ମିନୀ ଓ ପ୍ରମୋଦଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ରାଗିଯାଇ ପ୍ରମୋଦ ଏକ ପ୍ଲାଷ୍ଟିକ ରଶିରେ ପଦ୍ମିନୀଙ୍କ ବେକକୁ ଚିପି ହତ୍ୟା କରିଥିଲେ। ପରେ ଘଟଣାସ୍ଥଳରୁ ପଳାଇଯାଇ ଶାମଳ ଗ୍ରାମ ନିକଟରେ ଅନ୍ୟ ଜଣେ ଲୋକଙ୍କ ମୋବାଇଲରୁ ପଦ୍ମିନୀଙ୍କ ମାମୁଙ୍କୁ ଫୋନ କରି ପଦ୍ମିନୀ ଘରେ ପଡ଼ିଥିବା ଜଣାଇଥିଲେ। ଖବରପାଇ ମାମୁ ସୁଦାମ ଘରେ ପହଞ୍ଚି ପଦ୍ମିନୀଙ୍କୁ ଭୁବନ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତା ଛାତ୍ରୀଙ୍କ ବାପା ବ୍ରହ୍ମାନନ୍ଦ ଏ ନେଇ ଭୁବନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୧୮/୨୦୨୪ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ୨ଟି ଟିମ ଗଠନ କରାଯାଇ ତଦନ୍ତ ପରେ ଅଭିଯୁକ୍ତ ପ୍ରମୋଦଙ୍କୁ ଧରିବାରେ ସକ୍ଷମ ହୋଇଥିଲା ବୋଲି କାମାକ୍ଷାନଗର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରଭାତ କୁମାର ତ୍ରିପାଠୀ, ଥାନା ଅଧିକାରୀ ନରେଶ କୁମାର ସାହୁ ଓ ଅତିରିକ୍ତ ଥାନା ଅଧିକାରୀ ମନସିନୀ ମହାନ୍ତି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।



# ୨୭ରୁ ଜିଲାସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ

ଢେଙ୍କାନାଳ,୧୯।୧(ରତନ ନାୟାର)

ଢେଙ୍କାନାଳ ସହରସ୍ଥିତ ଗୋପବନ୍ଧୁ ଟାଉନହଲଠାରେ ଆସନ୍ତା ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ଜିଲାସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ ପାଇଁ ମୀନାବଜାର ପୂଜା ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୁରସ୍ଥିତ ପଦ୍ମଶ୍ରୀ ଆର୍ଟ ସେଣ୍ଟର ପ୍ରତିଷ୍ଠାତା ସରୋଜ ବେହେରା ସଭାପତିତ୍ୱ କରି କହିଥିଲେ ଯେ, ପେଟିଂ, ଟ୍ରାଇବାଲ କଳାରେ, ସମସାମୟିକ ଚିତ୍ର, ପଟଚିତ୍ର, ଚାରୁକଳା, ଭାସ୍କର୍ଯ୍ୟ କଳା ଓ ଚିତ୍ରକଳା ଆଦିକୁ ନେଇ ପ୍ରଦର୍ଶନୀ ଆୟୋଜନ କରାଯିବ। ଚିତ୍ରକଳା ଓ କଳାକାରଙ୍କୁ ଜାଣିବା ଓ ସେମାନଙ୍କୁ ପ୍ରୋତ୍ସାହନ ଦେବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ୨୭ ତାରିଖରେ କାର୍ଯ୍ୟକ୍ରମ ଉଦ୍‌ଘାଟନ ହେବ। ୨୮ ତାରିଖରେ ପ୍ରଥମରୁ ଦ୍ୱାଦଶ ପର୍ଯ୍ୟନ୍ତ ପିଲାମାନଙ୍କ ମଧ୍ୟରେ ସବ୍ ଜୁନିୟର, ଜୁନିୟର ଓ ସିନିୟର ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମ ସଂଯୋଜିକା ସୁଜାତା ବେହେରା, ଚିତ୍ରଶିଳ୍ପୀ ଅଭିନବ ବରାଳ, ବରିଷ୍ଠ ଚିତ୍ରଶିଳ୍ପୀ ବିଜୟ ସ୍ୱାଇଁ, ରାମନାଥ ପାତ୍ର ଓ ଜ୍ଞାନେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ।



ଚିତ୍ରକଳା ପ୍ରଦର୍ଶନୀ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି।

# ଜଗନ୍ନାଥଙ୍କ ଯାନିଯାତ୍ରା, ବେଶଭୂଷା ସମ୍ପର୍କରେ ଆଲୋଚନା

ଢେଙ୍କାନାଳ ,୧୯।୧(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ନୂଆ-ଓ ତଥା ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ ଶୁକ୍ରବାର ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ ସଭାପତି ଡ. ଭାସ୍କର ମିଶ୍ର ଯୋଗଦେଇ ଜଗନ୍ନାଥଙ୍କ ଯାନିଯାତ୍ରା ଓ ବେଶଭୂଷା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍କଳ ବିଦ୍ୱତ୍ ପରିଷଦ ଅଧକ୍ଷ ମନୋଜ କୁମାର ରଥ, ଜଗନ୍ନାଥଙ୍କ ଦୈନନ୍ଦିନ ନୀତିକାନ୍ତି ସମ୍ପର୍କରେ ବ୍ୟାଖ୍ୟା କରିଥିଲେ। ଜିଲା ନୋଡାଲ ଅଧିକାରୀ ଡ. ଦେବାଶିଷ ମହାନ୍ତି ଶ୍ରୀମନ୍ଦିରର ବିଭିନ୍ନ ଦେବଦେବୀଙ୍କ ମହିମା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଂସ୍କୃତ ବିଭାଗ ଅଧ୍ୟାପକ ବିକାଶ ରଣା ଧନ୍ୟବାଦ ପ୍ରଦାନ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଶୁଭ୍ରକାନ୍ତ ପାଣି, ରବର୍ଟ ଓ୍ୱିଲସନ ବତ୍ରା ଓ ରଶ୍ମିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କିତ ଆଲୋଚନାଚକ୍ରରେ ଅତିଥିମାନେ।

# ଗ୍ରହଣୀୟତା ନ ରହିଲେ ଭାଷା ବଞ୍ଚିବ ନାହିଁ

ଢେଙ୍କାନାଳ,୧୯।୧(ରତନ ନାୟାର)

ସଦର ବ୍ଲକ ବେଲଟିକିରି ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ଯୋଜନା ମାଧ୍ୟମରେ ଓଡ଼ିଆ ଭାଷା ସାହିତ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରି ବିଶିଷ୍ଟ ଗ୍ରନ୍ଥକାର ପ୍ରଫେସର ଡ. ମୃଣାଳ ଚାଟାର୍ଜୀ କହିଲେ, ଗ୍ରହଣୀୟତା ନରହିଲେ ଭାଷା ବଞ୍ଚିବ ନାହିଁ। ବୈଷୟିକ ଜ୍ଞାନକୌଶଳ ଯୁଗରେ ଆମକୁ ଅନ୍ୟ ଭାଷାର ସୁନ୍ଦର ଶବ୍ଦମାନଙ୍କୁ ଗ୍ରହଣ କରିବାର ଆବଶ୍ୟକତା ରହିଛି। ଏଥିସହିତ ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ଆମ ଓଡ଼ିଆ ଭାଷାର ଦୀର୍ଘ ସ୍ଥାୟିତ୍ୱ ପାଇଁ ବହୁଳ ବ୍ୟବହାର ଉପରେ ସେ ଗୁରୁତ୍ୱ ଦେଇଥିଲେ। ଅଧକ୍ଷ ସୁରେଶ ମିଶ୍ର ଆଲୋଚନାଚକ୍ରରେ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ବିକାଶ ଦାସ ଏହାକୁ ସଂଯୋଜନା କରିଥିଲେ। ଏଥିରେ ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ।

# ବାର୍ଷିକ ପୁଷ୍ପ ପ୍ରଦର୍ଶନୀ, ପ୍ରତିଯୋଗିତା

ଢେଙ୍କାନାଳ,୧୯।୧(ରତନ ନାୟାର)

ଢେଙ୍କାନାଳ ଜିଲା ଉଦ୍ୟାନ ବିଭାଗ ପକ୍ଷରୁ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଦୁଇଦିନ ବ୍ୟାପୀ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ଓ ପ୍ରତିଯୋଗିତା ଶୁକ୍ରବାର ଉଦଘାଟିତ ହୋଇଯାଇଛି । ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ ଏହି ପୁଷ୍ପ ପ୍ରଦର୍ଶନୀର ଶୁଭାରମ୍ଭ କରିଥିଲେ। ଜିଲାପାଳ ମନୋରଞ୍ଜନ ମଲ୍ଲିକ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଗୀତାଶ୍ରୀ ପାଢୀ ଉପସ୍ଥିତ ଥିଲେ। ଏହି ପୁଷ୍ପ ପ୍ରଦର୍ଶନୀ ଓ ପ୍ରତିଯୋଗିତା ଆୟୋଜନ ଫୁଲଗଛ ପ୍ରତି ଲୋକମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ସହିତ ରୋଜଗାର ବୃଦ୍ଧିରେ ସହାୟକ ହୋଇପାରିବ ବୋଲି ଜିଲାପାଳ ମତବ୍ୟକ୍ତ କରିଥିଲେ। ଜନସାଧାରଣ ଓ ନର୍ସରୀମାନଙ୍କ ସହଯୋଗକୁ ନେଇ ଉଦ୍ୟାନ ବିଭାଗ ପକ୍ଷରୁ ସମସ୍ତଙ୍କୁ ସାଧୁବାଦ ଜଣାଯାଇଥିଲା। ଏହି ପୁଷ୍ପ ପ୍ରଦର୍ଶନୀ ଓ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଶ୍ରେଷ୍ଠତ୍ୱ ହାସଲ କରିଥିବା ବ୍ୟକ୍ତିଙ୍କୁ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ସନ୍ଧ୍ୟାରେ ଗୋପବନ୍ଧୁ ଟାଉନହଲଠାରେ ଅନୁଷ୍ଠିତ ହେବାକୁ ଥିବା ସାଂସ୍କୃତିକ ସମାରୋହରେ ପୁରସ୍କୃତ କରାଯିବ।


ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ଓ ପ୍ରତିଯୋଗିତା।

# ଜୋତା ଦୋକାନରେ ଜିଏସ୍‌ଟି ଚଢ଼ାଉ

ଢେଙ୍କାନାଳ,୧୯।୧(ରତନ ନାୟାର)

ଢେଙ୍କାନାଳ ସହର ବାଜିଚୌକ ଏବଂ ଯତନନଗର ଅଞ୍ଚଳରେ ଥିବା ପାତ୍ର ଏଜେନ୍ସି ଜୋତା ଦୋକାନ ଏବଂ ଗୋଦାମରେ ଶୁକ୍ରବାର ରାଜ୍ୟ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ବିଭାଗ ଅନୁଗୋଳ ଶାଖା ପକ୍ଷରୁ ଚଢାଉ କରାଯାଇଛି। ପ୍ରାୟ ୮ଜଣ ଅଧିକାରୀ ୨ଟି ଟିମ୍‌ରେ ଏହି ଚଢାଉ କରିଥିଲେ। ଜିଏସ୍‌ଟି ରିଟର୍ନ ସ୍କ୍ରୁଟିନ ଏବଂ ବିଜିନେସ୍ ଇଣ୍ଟେଲିଜେନ୍ସ ସୂତ୍ରରୁ କିଛି ଅଭିଯୋଗକୁ ଆଧାର କରି ଏହି ଚଢାଉ କରାଯାଇଛି। ଚଢ଼ାଉ ସମୟରେ ବହୁ ଦରକାରୀ କାଗଜପତ୍ରକୁ ଯାଞ୍ଚ କରାଯାଇଛି। ଆଉକିଛି କାଗଜପତ୍ରକୁ ଅଧିକ ତଦନ୍ତ ପାଇଁ ନିଆଯାଇଛି। ଅନ୍ୟ କିଛି ଡକୁମେଣ୍ଟ ୮ଦିନ ମଧ୍ୟରେ ଆଣି କାର୍ଯ୍ୟାଳୟରେ ଦାଖଲ କରିବା ପାଇଁ ପାତ୍ର ଏଜେନ୍ସିର ପ୍ରୋପ୍ରାଇଟରଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ରାଜ୍ୟ ଜିଏସ୍‌ଟି ଏନଫୋର୍ସମେଣ୍ଟ ଡେପୁଟି କମିଶନର ଅନୁଗୋଳ ଶିବାଶିଷ ସୂର୍ଯ୍ୟକାନ୍ତ ସାହୁ ସୂଚନା ଦେଇଛନ୍ତି। ଏହି ଚଢାଉକୁ ନିୟମିତ ଯାଞ୍ଚ ବୋଲି କହିବା ସହିତ ସମସ୍ତ କାଗଜପତ୍ର ଯାଞ୍ଚ ପରେ ଯାହାକିଛି କହିହେବ ବୋଲି ଡେପୁଟି କମିଶନର ସୂଚନା ଦେଇଛନ୍ତି।


ବାଜିଚୌକସ୍ଥିତ ପାତ୍ର ଏଜେନ୍ସିରେ ଜିଏସ୍‌ଟି ପକ୍ଷରୁ ଚଢ଼ାଉ କରାଯାଉଛି।

# ପ୍ରାଣୀ ଚିକିତ୍ସକଙ୍କ ସମୂହ ଛୁଟି ଦ୍ୱିତୀୟ ଦିନରେ


ସମୂହ ଛୁଟି ନେଇଥିବା ପ୍ରାଣୀ ଚିକିତ୍ସକମାନେ ଆନ୍ଦୋଳନ ଚଳାଇଛନ୍ତି।

ଢେଙ୍କାନାଳ,୧୯।୧
(ରତନ ନାୟାର)

ବିଭିନ୍ନ ଦାବି ନେଇ ଢେଙ୍କାନାଳ ଜିଲା ପ୍ରାଣୀ ଚିକିତ୍ସକମାନ ଆନ୍ଦୋଳନ ଚଳାଇଥିବା ବେଳେ ସାମୂହିକ ଛୁଟି ଶୁକ୍ରବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ କଟକ ଏବଂ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ତରଫରୁ ଏପର୍ଯ୍ୟନ୍ତ କୌଣସି ପ୍ରକାର ଆଲୋଚନା ବା ବିଚାରବିମର୍ଶ କରାଯାଇ ନାହିଁ। ପ୍ରାଣୀ ଚିକିତ୍ସକଙ୍କ ଆନ୍ଦୋଳନ ଫଳରେ ଗୃହପାଳିତ ଗାଈ, ଛେଳି, ମେଣ୍ଢା, କୁକୁଡା ଓ କୁକୁରଙ୍କ ଆପତକାଳୀନ ଚିକିତ୍ସା ସେବା ବାଧାପ୍ରାପ୍ତ ହୋଇଛି। ଜିଲାର ସମସ୍ତ ପ୍ରାଣୀ ଚିକିତ୍ସାଳୟ ତଥା ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟରେ ଡାକ୍ତରଙ୍କ ଅନୁପସ୍ଥିତି ହେତୁ ଚିକିତ୍ସା ସେବା ଏକ ପ୍ରକାର ଠପ୍ ହୋଇଯାଇଛି। ସରକାର ପ୍ରାଣୀ ଚିକିତ୍ସକମାନଙ୍କ ଦାବି ପୂରଣ ପୂର୍ବକ ଆନ୍ଦୋଳନକୁ ବନ୍ଦ କରି ପୁନଶ୍ଚ ପ୍ରାଣୀ ଚିକିତ୍ସା ସେବାକୁ ନିରନ୍ତର କରିବାକୁ ପଦକ୍ଷେପ ନ ନେଲେ ଆଗକୁ ଜିଲାର ସମସ୍ତ ପ୍ରାଣୀ ପାଳକ, ଚାଷୀ, ଗୋ-ପାଳକ, ପ୍ରାଣୀସେବା ସଙ୍ଗଠନ ରାସ୍ତାକୁ ଓହ୍ଲାଇବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ଢେଙ୍କାନାଳ,୧୯।୧(ରତନ ନାୟାର)

ଢେଙ୍କାନାଳ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାଣୀ ଲକ୍ଷ୍ମୀବାଈ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରି ଅଧକ୍ଷ ଡ. ରାମଚନ୍ଦ୍ର ମଲ୍ଲ ଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହିତ ଆଜିର ଯୁଗରେ ଆତ୍ମରକ୍ଷା କୌଶଳର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ଅଧ୍ୟାପିକା ପ୍ରଜ୍ଞା ପାରମିତା ମାଝି ପ୍ରଶିକ୍ଷଣ ଶିବିରର ସଂଯୋଜନା କରିଥିଲେ। ମାଷ୍ଟର ଟ୍ରେନର ଭାବେ ଜୟନ୍ତୀ ବେହେରା ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।


ଶିବିରରେ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷା ଦିଆଯାଉଛି।

# ଭାଷା ସାହିତ୍ୟ, ସୃଜନଶୀଳତା ଉତ୍ସବ

ଢେଙ୍କାନାଳ,୧୯।୧(ରତନ ନାୟାର)

ଢେଙ୍କାନାଳ ସହର କଲେଜ ରୋଡସ୍ଥିତ ଡ. ଦାଶରଥି ମିଶ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ସରକାରଙ୍କ ନିର୍ଦ୍ଦେଶନାରେ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜନା ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ରବୀନ୍ଦ୍ର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ପାର୍ଥସାରଥି ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ମିଶ୍ର ଯୋଗ ଦେଇଥିଲେ। ବିଭିନ୍ନ କ୍ଲବର ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଭିଭାବକ, ପୁରାତନ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। କମଳା ଦାଶ, ସରଳା ସାହୁ, ସୁଶୀଳ କୁମାର ସାହୁ ଓ ରସାନନ୍ଦ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। କବିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ୨ ଦୁର୍ଘଟଣାରେ ୩ ମୃତ, ଉତ୍ତେଜନା

ଢେଙ୍କାନାଳ,୧୯।୧(ରତନ ନାୟାର)

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ମୋଟଙ୍ଗା ଥାନା ଏବଂ ତୁମୁସିଙ୍ଗା ଥାନା ପଣ୍ଡୁଆ ଫାଣ୍ଡି ସୋଗର ଅଞ୍ଚଳରେ ଶୁକ୍ରବାର ଅପରାହ୍ନରେ ପୃଥକ ପୃଥକ ଦୁର୍ଘଟଣାରେ ୩ଜଣ ଯୁବକ ମୃତ୍ୟୁ ହୋଇଛି। ମୋଟଙ୍ଗା ଥାନା ଅଞ୍ଚଳରେ ୫୫ନଂ ଜାତୀୟ ରାଜପଥରେ ଅପରାହ୍ନ ସାଢେ ୩ଟାରେ ଢେଙ୍କାନାଳରୁ ଅନୁଗୋଳ ଆଡକୁ ଯାଉଥିବା ଏକ ଟ୍ରେଲର ବାଇକକୁ ଧକ୍କା ଦେବାରୁ ଘଟଣାସ୍ଥଳରେ ବାଇକ ଆରୋହୀ ଖଡଗପ୍ରସାଦ ଗ୍ରାମର ଶାନ୍ତନୁ ପୃଷ୍ଟି(୨୭) ଓ ସୁରେଶ ସାହୁ(୩୯)ଙ୍କ ମୃତ୍ୟୁ ଘଟିଛି। ଜଣଙ୍କର ଘଟଣାସ୍ଥଳରେ ଓ ଅନ୍ୟ ଜଣଙ୍କର ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଟ୍ରେଲରଟି ସେଠାରୁ ପଳାଇଥିଲା। ଫଳରେ ୫୫ନଂ ଜାତୀୟ ରାଜପଥରେ ଉତ୍ତେଜନା ପ୍ରକାଶ ପାଇଥିଲା। କିଛି ସମୟ ଧରି ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା।


ମୋଟଙ୍ଗା ଥାନା ଅଞ୍ଚଳ ୫୫ନଂ ଜାତୀୟ ରାଜପଥରେ ଉତ୍ତେଜନା।

ଖବରପାଇ ମୋଟଙ୍ଗା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଏହାକୁ ନେଇ ଖଡଗପ୍ରସାଦ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସେହିପରି ତୁମୁସିଙ୍ଗା ଥାନା ପଣ୍ଡୁଆ ଫାଣ୍ଡି ସୋଗର ବିୟର କମ୍ପାନୀ ସମ୍ମୁଖରେ ମିହିର କୁମାର ନାୟକ(୨୫) ନାମକ ଜଣେ ଯୁବକ ବାଇକ୍ ଚଳାଇ ଯାଉଥିବା ବେଳେ ଭାରସାମ୍ୟ ହରାଇ ଏକ ଗଛରେ ପିଟିହୋଇ ଗୁରୁତର ହୋଇଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ମିହିରଙ୍କ ଘର ସଦର ଥାନା ଝାରଗାଡିଆ ଫାଣ୍ଡି କାଶିଆଡିହ ଗ୍ରାମରେ ହୋଇଥିବା ବେଳେ ସେ ସକାଳେ ସୋଗରସ୍ଥିତ ନିଜ ମାମୁ ଘରକୁ ଯାଇ ଅପରାହ୍ନରେ ବାଇକ୍‌ରେ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି। ଖବରପାଇ ତୁମୁସିଙ୍ଗା ଥାନା ଓ ପଣ୍ଡୁଆ ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

# ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ

ଓଡ଼ାପଡ଼ା,୧୯।୧(ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲା ହିନ୍ଦୋଳ ରୋଡ୍‌ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଓଡ଼ିଆ ବିଶ୍ୱ ଭାଷା ସମ୍ମିଳନୀ ଉପଲକ୍ଷେ 'ନୂଆ- ଓ' ଭାଷା ଓ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ. ଶମ୍ଭୁ ପ୍ରସାଦ ପ୍ରଧାନ ଏହାକୁ ଉଦ୍‌ଘାଟନ କରିବା ସହିତ ମା', ମାଟି ଓ ମାତୃଭାଷା ମଣିଷର ଜୀବନ ବୋଲି ଉଦ୍‌ବୋଧନ ଦେଇଥିଲେ। ସଂସ୍କୃତ ବିଭାଗ ମୁଖ୍ୟ ଡ. ତପନ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାଷାର ବିକାଶକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଗୁରୁଚରଣ ରାଉତରାୟ ମୁଖ୍ୟ ସଂଯୋଜକ ଭାବରେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଅଧ୍ୟାପକ ଡ. ଦେବାନନ୍ଦ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପିକା ସନ୍ଧ୍ୟାରାଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାଧ୍ୟାପିକା ଡ. ମାନସୀ କର, ଅଧ୍ୟାପକ ରଞ୍ଜନ କୁମାର ସାହୁ, ରବିନାରାୟଣ ଦାସ, ନୀଳକଣ୍ଠ ଦାସ, ତ୍ରିଲୋଚନ ସାହୁ, ଅକ୍ଷୟ କୁମାର ସାହୁ, ବିଜୟ କୁମାର ସାହୁ, ବିଜୟ କିଶୋର ପ୍ରଧାନ, ଡ. ରାଜକିଶୋର ସାମଲ, ଡ. ବଳରାମ ପୃଷ୍ଟି, ଡ. ଦୀନାନାଥ ଦାସ, ମଙ୍ଗରାଜ ମହାପାତ୍ର ଏବଂ ସମସ୍ତ ଛାତ୍ରୀଛାତ୍ର, କର୍ମଚାରୀ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

